# ଭାରତ-ବାଂଲାଦେଶ ସୀମାରେ ବାଡ଼ ନିର୍ମାଣ

ଜାନୁୟାରୀ 13, 2025

ଭାରତରେ କାର୍ଯ୍ୟରତ ବାଂଲାଦେଶର ହାଇ କମିଶନର, ଶ୍ରୀ ମହମ୍ମଦ ନୁରାଲ ଇସଲାମଙ୍କୁ ବିଦେଶ ମନ୍ତ୍ରାଳୟ ଆଜି 13 ଜାନୁୟାରୀ, 2025 ଅପରାହ୍ନ 2:00 ଟା ସମୟରେ ସାଉଥ୍ ବ୍ଲକକୁ ଡାକିଥିଲେ।

2. ତାଙ୍କୁ ଏହି ସୂଚନା ପ୍ରଦାନ କରାଯାଇଥିଲା ଯେ ଭାରତର ପକ୍ଷରୁ ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥା ପାଇଁ ବାଡ଼ ସମେତ ଦୁଇ ସରକାର ଏବଂ ସୀମା ସୁରକ୍ଷା ବାହିନୀ ଓ ସୀମା ସୁରକ୍ଷା ବାଂଲାଦେଶ ମଧ୍ୟରେ ହୋଇଥିବା ସମସ୍ତ ପ୍ରୋଟୋକଲ ଏବଂ ଚୁକ୍ତିନାମାକୁ ଅନୁସରଣ କରାଯାଉଛି।

3. ଭାରତ ସୀମାପାର ଅପରାଧିକ କାର୍ଯ୍ୟକଳାପ, ଚୋରା ଚାଲାଣ, ଅପରାଧୀଙ୍କ ଗତିବିଧି ତଥା ଚୋରା ଚାଲାଣର ଆହ୍ୱାନକୁ ସଫଳତାର ସହ ସମାଧାନ କରି ଅପରାଧମୁକ୍ତ ସୀମା ସୁନିଶ୍ଚିତ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। କଣ୍ଟା ତାର ବାଡ଼ ଲଗାଇବା, ସୀମା ଆଲୋକୀକରଣ କରିବା, ବୈଷୟିକ ଯନ୍ତ୍ରପାତି ସ୍ଥାପନ ଏବଂ ପଶୁ ମାନଙ୍କ ପାଇଁ ବାଡ଼ ଲଗାଇବା ସୀମାକୁ ସୁରକ୍ଷିତ କରିବାର ଉପାୟ ଅଟେ।

4. ବାଂଲାଦେଶ ପୂର୍ବ ବୁଝାମଣାକୁ କାର୍ଯ୍ୟକାରୀ କରିବ ଏବଂ ସୀମା ଅପରାଧ ବିରୁଦ୍ଧରେ ମୁକାବିଲା ପାଇଁ ଏକ ସହଯୋଗୀ ଆଭିମୁଖ୍ୟ ଗ୍ରହଣ କରିବ ବୋଲି ଭାରତ ଆଶା ପ୍ରକଟ କରିଛି।

ନୂଆଦିଲ୍ଲୀ

ଜାନୁୟାରୀ 13, 2025